ଗାନ୍ଧାରୀଙ୍କର ଶତଶୃଙ୍ଗ ପର୍ବତକୁ କୁନ୍ତୀଙ୍କୁ ଆଣିବା ନିମନ୍ତେ ଗମନ, ବ୍ୟାସଙ୍କର କୁନ୍ତୀଙ୍କୁ ଉପଦେଶ

ଯେଥୁ ଅନନ୍ତରେ ଶୁଣ ହୋ ନୃପନାଥେ
ଯେମନ୍ତେଣ ତହିଂ ଗଲା ଦିନା କେତେ । ୧ ।
ଧୃତରାଷ୍ଟ ଗାନ୍ଧାରୀ ବିଚାରି ହୃଦଗତେ । ୨ ।
ଗାନ୍ଧାରୀ ବିଜେ କଲେ ହସ୍ତିନା ଭୁବନୁଂ
ଆଗେ ସହସ୍ରେକ ରଥ ଘେନିଣ ଗଙ୍ଗାଙ୍କର ତନୁ । ୩ । ସଂଖ୍ୟା
ସହସ୍ରେକ ପରିବାରୀ ଘେନି ଗାନ୍ଧାରସେନର ଦୁଲଣୀ
ଚଳନ୍ତି ମହାସତୀ କୋଇନ୍ତା ଦେବୀଙ୍କର ଆଣି । ୪ । ସଂଖ୍ୟା
ବ୍ୟାସେ ବିଜେ କଲେ ଶତଶିଂଗ ପର୍ବତେ
ଦେଖିଣ ନିଉଛାଳି କଲେକ ଦେବୀ କୋନ୍ତେ । ୫ ।
ପୁତ୍ର ଗୋଟିକି ନେଇ ଦିଲେ ବ୍ୟାସଙ୍କ କ୍ରୋଡରେ
ପୁତ୍ର ଦେଖିଣ ସାନନ୍ଦ ହୋଇଲେ ମୁନିବରେ । ୬ ।
ହରଷେ ପୁତ୍ରକୁ ବର ଦିଲେ ପଡନିଷ୍ଠି
ଭୂତ ଭବିଷ୍ୟ ଗତ-ଆଗତ ହୋଉ ତୋତେ ଦୃଷ୍ଟି । ୭ ।
କୋଇନ୍ତାଙ୍କୁ ତିଆରନ୍ତି ପାରେଶ୍ୱରଙ୍କ ତନୟେ
ପଣ୍ଡୁ ଅଭାବେଣ କ୍ରୋଧିତ ନୋହ ଆଗେ ମାୟେ । ୮ ।
ଛାଡସି କ୍ରୋଧ ତୁ ଗୋ ଭୋଜର କୁମାରୀ
ପୁତ୍ରନ୍ତ ଘେନି ଆୟି ସୁଖେ ଥାଅସି ରାଜ୍ୟ କରି । ୯ ।
କୋଇନ୍ତାୟେ ବୋଇଲେ ମୁଂ ପ୍ରୟାଗ ତୀର୍ଥେ ଯିବି
ବାଞ୍ଛାବଟ ତଳେ ମୁଂ ପ୍ରାଣ ବିସର୍ଜିବି । ୧୦ ।
ବ୍ୟାସେ ବୋଇଲେ ଗୋ ନୋହଇଟି ଯେମନ୍ତ
ଅନେକ ଦୋଷଟି ଗୋ ହୋଅଇ ଆତ୍ମାଘାତ । ୧୧ ।
ପଞ୍ଚୁ ଗୋଟି ପୁତ୍ର ଗୋ ପାଇଲୁ ତୋର କର୍ମେ
ଯେ ପଞ୍ଚୁରାଜ୍ୟ ମାତା ଗୋ ପାଳିଲୁ ତୋର ଧର୍ମେ । ୧୨ ।
ତୁମ୍ଭେ ବିରସ କି- ।ଇ ଗୋ ହୋଉଛ ମହାଦେବୀ
କୁନ୍ତଭୋଜର ନନ୍ଦନୀ ଗୋ ତୁ ପରମ ସାଧବୀ । ୧୩ ।
ଯେ ସଂସାର ଯାକ ଗୋ ମାୟା ପଟଳ ସିନା
ବିପରୀତ ମାୟା ଫାଶ ଗୋ ଦଇବ ରଞ୍ଜନା । ୧୪ ।
ସୁଖେଣ ଦିନ ଗୋ ନେବ ଦେବୀ କୋନ୍ତେ
ଭାରା ନିବାରଣ କରିବେ ଯେ ତୋହୋର ପୁତ୍ରେ । ୧୫ ।
ଜାତ ହୋଇଲେ ଗୋ ଅବଶ୍ୟ ହୋଇ ମୃତୁ
ଯେମନ୍ତେଣ ଚାରି ଯୁଗ ହୋୟେ ଆତୁଯାତୁ । ୧୬ ।

ଯେମନ୍ତେଣ ପଛରେ ଗୋ ଚଳନ୍ତି ପଥଶ୍ରାନ୍ତି
ଆତଯାତ ଲୋକେ କି ଗୋ ବିଳମ୍ବେ ରହିଥାନ୍ତି । ୧୭ ।
ତୁ ଦେବୀ ଗୋ କିଛିହିଂ ଭ୍ରାନ୍ତି ନ କର ଯେଥିକି
ଯେତେବେଳେ ଧର୍ମ ଥାଇ ସମସ୍ତ ପୁଣ୍ୟ ଦେଖି । ୧୮ ।
ଆମ୍ଭେ ପ୍ରଳୟ କାଳେ ପଶୁ ବିଷ୍ଣୁ ନାଥ ପଞ୍ଜରାୟେ
କାଳ ଉଚିତ ମରଣକୁ ବଡ ଭୟେ । ୧୯ ।
ସୁଖ ଭୋଗ ଇଛା ହୋ କରନ୍ତି ଯେବଣ ପ୍ରାଣୀ
ମୃତୁ ସମାପତ କରଇ ଗୋ ନିଷ୍ଟୟେ ନିକଟେ ଆଣି । ୨୦ ।
ଯେ ସେ ଗଲା ତାହା ଲୋଡିଲେ ନ ପାଇ
ଥିଲା ପୁଅନ୍ତ ଯତନେ ଯେବେ ସମ୍ଭାଳ ଗୋ ଆଈ । ୨୧ ।
ଯୁଝେଷ୍ଠି ବୋଲିଣ ତୋର ଯେବଣ ପୁତ୍ର ଗୋଟି

ପ୍ରତକ୍ଷେ ଦେଖୁ ସିନା ନିରଞ୍ଜନ ଦେବତା ଅଟେ ସେଟି । ୨୨ ।
ଭୀମ ଚରିତ୍ର ଗୋ ଅସଂଖ୍ୟ ଅଟଇ ମୋତେ
ଅର୍ଜୁନ ବୋଲିଣ ସେ ନାରାୟଣଙ୍କ ପଞ୍ଚଭୂତେ । ୨୩ ।
ନକୁଳ ବୋଲିଣ ସେ ଯେବଣ ପୁତ୍ର ଅଟଇ
କୁମାର ମୁଖେ ତାକୁ ଆକାଶେ ପାଟ ଅଛଇ । ୨୪ ।
ଯେ ବାଳୁତ ପୁଅ ଗୋଟିର ଯେହେନେକ ଲକ୍ଷଣ
ସ୍ତରି ପ୍ରମଦା ଗୋ ତୁମ୍ଭେ ତଥ୍ୟହିଂ ନ ଜାଣ । ୨୫ ।
ତୀର୍ଥକୁ ଇଛା ଯେବେ କଲସି ଗୋ ମାୟେ
ବଡ ବଡ ହୋଅନ୍ତୁ ଗୋ ତୋହୋର ତନୟେ । ୨୬ ।
ସ୍ତିରିଙ୍କର ଧର୍ମ ତୋତେ ଗୋ ହୋଉ ପରାପତ
ପୁତ୍ରନ୍ତ ଘେନିଣ ଗୋ ରାଜ୍ୟ ପ୍ରାପତି ଚିନ୍ତ । ୨୭ ।
ପଣ୍ଡିତ ପଣେ ଗୋ ସଂଘର ସର୍ବକଥା
ଆମୃନ୍ତ ଦେଖି ଗୋ ଛାଡ ନିଜ ସ୍ୱାମୀର ଯେ ଚିନ୍ତା । ୨୮ ।
ଯେମନ୍ତେ ଅନେକ ତିଆରିଲେ ବ୍ୟାସ ମହାଯତି
ଦଣ୍ଡ ଘେନିଣ ଭୀଷ୍ମେ ପ୍ରବେଶ ହୋଇଲେ ଝାଡି । ୨୯ ।

------

୧୭ ଯେମନ୍ତେ ପଥୁକୀ ଗଛ ମୂଳରେ ବସନ୍ତି
ଶ୍ରମ ସାରିଣ ସେ ଯେଝା ମତେ ଚଳି ଯାନ୍ତି ।

ବ୍ୟାସଙ୍କର ପାଦତଳେ ସମସ୍ତେ ହୋଇଲେ ପରଣାମି
କ୍ଷମେ ଆଶିଷ କଲ୍ୟାଣ ବ୍ୟାସ ମହାମୁନି । ୩୦ ।
ଆପଣେ ପ୍ରୋହିତ ଯେ ହୋଇଲେ ଉଦ୍ଧାଳକେ
ପ୍ରେତକାର୍ଯ୍ୟ ବିଧି କରନ୍ତି ବେଦବାକ୍ୟେ । ୩୧ ।
ଶ୍ରାଦ୍ଧକର୍ମ ସେ ଯେ କଲେ ଶମଶାନେ
ଘୃତ ପାରଣା କଲେ ୟେକାଦଶ ଦିନେ । ୩୨ ।
ଘୃତ ଘେନି ସଞ୍ଜୟ ଗଲେ ହସ୍ତିନାକୁ
ଧୃତରାଷ୍ଟ୍ର ଭଣ୍ଡିକରି ରଖିଅଛନ୍ତି ପୁଅଙ୍କୁ । ୩୩ ।
ୟୁଝେଷ୍ଟି ଦ୍ରିଯୋଧନର ଅନେକ ପୀରତି
ଖେଳ ରସେ ଭାବେ ପାସୋରି ମାତା ପିତା ଦୁହିନ୍ତି । ୩୪ ।
ବନସ୍ତରେ ଥିଲେ ସେ ସଙ୍ଗମେଳ ନାହିଂ
କୁତୋହୋଳେ ରହିଲେ ସେ ଧୃତରାଷ୍ଟ୍ରଙ୍କୁ ଚାହିଂ । ୩୫ ।
ୟୁଝେଷ୍ଟି ପଚାରିଲେ ଧୃତରାଷ୍ଟ୍ରଙ୍କ କୋଳେ ବସି
ପିତା ମାତ ତହିଂକି ଯିବୁ ତାତ ଆଗ୍ୟାଂ ମୋତେ ଦେସି । ୩୬ ।
ଧୃତରାଷ୍ଟ୍ର ପ୍ରତିବାକ୍ୟ ଶୁଣ ରେ ତନୟେ
ୟେଥକୁ ଆସୁ ଅଛନ୍ତି ସିନା ତୁମ୍ଭର ବାପ ମାୟେ । ୩୭ ।
ଗାନ୍ଧାରୀ ଗଲେଣି ବାବୁ ତାହାଙ୍କୁ ଆଣିମାକୁ
ପୋତଇ କି ନା କି- । ଯିବା ଗହନ ବନସ୍ତକୁ । ୩୮ ।
ଭଲ ଭଲ ପଦାର୍ଥମାନ ଦିଲେକ ଅପୂର୍ବ
ସର୍ବ ଅଳଙ୍କାର କଲେ ପୁଅନ୍ତ ରାଜଦେବ । ୩୯ ।
ପହରଣ କରାଇଲେ ଦେବାଙ୍ଗ ବସ୍ତ୍ରନ୍ତ
ଯେସନକ ବାଗେ ଭଣ୍ଡି ବାଳୁତ ପୁଅନ୍ତ । ୪୦ ।
ଧୃତରାଷ୍ଟ୍ରେ ସୁମରନ୍ତି ଭୋ ଦେବଧର୍ମ
ବାଳୁତ ପୁତ୍ରନ୍ତ ହୋଇଲା ୟେହେନେକ କର୍ମ । ୪୧ ।

---------

୩୩ ।୨ ଧୃତରାଷ୍ଟ୍ର ମୂର୍ଚ୍ଛାଉ ଅଛନ୍ତି ବାଳୁତ ପୁତ୍ରଙ୍କୁ ।

୩୫ ।୨  କୁତୋହୋଳେ ରହିଲେ ଧୃତରାଷ୍ଟ୍ରଙ୍କୁ ଦାହି ।
୩୩ ।୨  ମୂର୍ଚ୍ଛାଉ-ଭୁଲାଉ, ମୋହକରି
୩୫ ।୨  ଚାହିଂ-ମୁଖ ଚାହିଂ, ଧୃତରାଷ୍ଟ୍ରଙ୍କ ଅନୁରୋଧରେ

ୟେସନେକ ଯୋଗମାନ କଲୁ କି ପ୍ରଜାପତି
ପିତାର ଅଭାବେ ପୁତ୍ର କେବଣ ବାଗେ ବ୍ରତି । ୪୨ ।
ଧୃତରାଷ୍ଟ୍ର ବୋଇଲେ ହେ ଦଇବ ତୁ ସ୍ରିଜିଲୁ ସଚରାଚର
ବିନା ଅପରାଧେ କି-  ନାଶ କଲୁ ଯେ ସଂସାର । ୪୩ ।
ନୋହୁ ନୋହୁ ୟେତେ କଷ୍ଟ ୟେ ନୋହୁ ସଂସାରକୁ
କେବଣ ଭାବେ ଜନମ କରାଉ ସମସ୍ତଙ୍କୁ । ୪୪ ।
ଜାତହୁଂ କଲୁ ଯେବେ ମରିବେ ନା ପ୍ରାଣୀ
ତୋହୋର ତହୁଂ ବିଗ୍ୟ ଆବର କେ ପରିମାଣି । ୪୫ ।
ଯେବେ ସ୍ରିଜିଲୁ ସେ ହୋଇବ ଚିରନ୍ତନ
ମହତ ଲୋକର ବାକ୍ୟ କି- । ହୋଇବାକ ଆନ । ୪୬ ।
କିମ୍ଭୂତ ମାୟା ୟେ ନ ପାରିଲୁ ବୁଝି
ନାଶକର ଲେଖା ତ ନ ପାରିଲୁ ଶୁଝି । ୪୭ ।
ୟେତେ ୟେତେ ଦେବତା କଲେ ୟେତେ କୃତ୍ୟ
ତାହା ନାଶ କରିବାକୁ ଭିଆଇଲେ ୟେମନ୍ତ । ୪୮ ।
କେହି ନୁଆରିବ ନାମକଇ ବଞ୍ଚି
ନ ଜାଣି ପ୍ରାଣୀ ମରନ୍ତି କି- । ଆମ୍ଭେ ସଞ୍ଚି । ୪୯ ।
ଅବୟେ ପୁରୁଷ ଯାହା ସଞ୍ଚିଲା ଦୃଢ କରି
କାଳାନ୍ତେକ ପୁରୁଷ ଯେ ଧଂସିଲା ଦଣ୍ଡଧାରୀ । ୫୦ ।
କରାଳୀ ବଲ୍ଲଭ ପଦ୍ମପାଦେ ମୋର ସେବା
ଶୂଦ୍ରମୁନି ସାରୋଳ ଦାସକୁ ଚିର ଆଷ୍ୟ ଦେବା । ୫୧-୩୨୦୨ ।

----------

୪୪ ।୨  କି ନ୍ୟାୟେଂ ମୃତୁ ଜାତ କରାଇ ଜନମାନଙ୍କୁ ।
୪୬ ।୨  ମହତଙ୍କର ବାକ୍ୟ କେବେହେଂ ନୋହେ ଆନ ।

*******